୮
ବୁଧବାର
୧୯ ଜାନୁଆରୀ ୨୦୨୨
www.sakalaepaper.com
ସକାଳ
THE SAKALA

# ସଂପାଦକୀୟ

ଲେଖକ ବହିଟିଏ ଆରମ୍ଭ କରେ,
କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ
-ସାମୁଏଲ୍ ଜନ୍‌ସନ୍



# ଦେୟମୁକ୍ତ ପାଠାଗାର - ସମସ୍ତଙ୍କ ଅଧିକାର




ନିରଞ୍ଜନ ମହାପାତ୍ର
ଭୁବନେଶ୍ୱର, nmohapatralis@gmail.com

ଯେତେବେଳେ ଏକ ଶିକ୍ଷଣୀୟ ଅନୁଷ୍ଠାନ କଥା କୁହାଯାଏ, 'ପାଠାଗାର' ଶିକ୍ଷା ପ୍ରକ୍ରିୟାର ଏକ ଅପରିହାର୍ଯ୍ୟ କ୍ଷେତ୍ର ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଛୋଟ ପିଲାର ବିଦ୍ୟାଳୟ ଜୀବନଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା, ଗବେଷଣା ପର୍ଯ୍ୟନ୍ତ ପାଠାଗାର ହିଁ ସଦାସର୍ବଦା ତା'ର ଭୂମିକା ତୁଲାଇଥାଏ। ପାଠାଗାରଗୁଡ଼ିକର ବିକାଶ ହିଁ ଆଂଶିକ ଭାବେ ଏକ ଶିକ୍ଷା ବ୍ୟବସ୍ଥାର ବିକାଶ। ଯେମିତି ଶିକ୍ଷା ପ୍ରତ୍ୟେକ ନାଗରିକର ଏକ ଅଧିକାର ସେହିପରି ପାଠାଗାର ସମସ୍ତଙ୍କର ଅଧିକାର। ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଥିଲେ ଯେ 'ପାଠାଗାର ହେଉଛି ଏକ ଅନୁଷ୍ଠାନର ହୃଦୟ'। ସେହିପରି ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କାଲାମ ମଧ୍ୟ କହିଥିଲେ ଯେ 'ଗୋଟିଏ ଶ୍ରେଷ୍ଠ ପୁସ୍ତକ ଶହେ ଭଲ ବନ୍ଧୁଙ୍କ ସହ ସମାନ।' ଦାଶିଆ ଅଜା ଭାବରେ ଜଣାଶୁଣା ସ୍ୱର୍ଗତ ଦାଶରଥୀ ପଟ୍ଟନାୟକ ଓଡ଼ିଶାର ପାଠାଗାର ଆନ୍ଦୋଳନର ଅଗ୍ରଦୂତ ଥିଲେ। ୧୯୫୯ ମସିହାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ବାଣ୍ଛାନିଧି ପାଠାଗାର' ଏବଂ ୧୯୭୩ ମସିହାରେ 'ଶ୍ରୀଅରବିନ୍ଦ ସଂଗ୍ରହାଳୟ'ରେ ବର୍ତ୍ତମାନ ଦେଢ଼ଲକ୍ଷରୁ ଅଧିକ ପୁସ୍ତକ ଏବଂ ପତ୍ରିକା, ତାଳପତ୍ର ଲିପି, ପାଣ୍ଡୁଲିପି, ଚିତ୍ର ଏବଂ ଅନ୍ୟାନ୍ୟ ଗବେଷଣା ସାମଗ୍ରୀମାନ ରହିଛି। ଜନସାଧାରଣଙ୍କ ମନରେ ପାଠାଗାରର ମହତ୍ତ୍ୱ ଉପଲବ୍ଧି ଓ ଆଗ୍ରହ ବୃଦ୍ଧି ନିମନ୍ତେ ଦାଶିଆ ଅଜା ଏକ ଅମ୍ଳାନ ଶିଖା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆମ ଦେଶର ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ମାତ୍ର ୧୯ଟି ରାଜ୍ୟରେ ସର୍ବସାଧାରଣ ପାଠାଗାର ଆଇନ(ପବ୍ଲିକ ଲାଇବ୍ରେରୀ ଆକ୍ଟ) ଲାଗୁ ହୋଇଛି, ଯେଉଁଥିରେ ଓଡ଼ିଶା ମଧ୍ୟ ସାମିଲ ଅଛି। ରାଜା ରାମମୋହନ ରାଏ ଲାଇବ୍ରେରୀ ଫାଉଣ୍ଡେସନର ଏକ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୨୭ଟି ପବ୍ଲିକ ଲାଇବ୍ରେରୀ ବା ସର୍ବସାଧାରଣ ପାଠାଗାର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛି। ଗବେଷଣା ତଥା ବିଭିନ୍ନ ରିପୋର୍ଟ ଅନୁଯାୟୀ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ମୋଟ ୧୨୫ଟି ସର୍ବସାଧାରଣ ପାଠାଗାର ଥିବା ବେଳେ ରାଜ୍ୟର ବିଭିନ୍ନ ଯୁବକସଂଘ, ସହାୟକ ଅନୁଷ୍ଠାନ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ୩୨୩ଟି ପାଠାଗାର ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ ଓ ସେବା ସମର୍ପିତ। ଓଡ଼ିଶାର ମୋଟ ୪୪୮ ଟି ପବ୍ଲିକ ଲାଇବ୍ରେରୀ ମଧ୍ୟରୁ ସରକାରଙ୍କ ଅନୁଦାନରେ ୨୮ ପ୍ରତିଶତ ପାଠାଗାର ସଞ୍ଚାଳିତ।

ଏସବୁ ପରିସଂଖ୍ୟାନ ଏକ ଭଲ ବାର୍ତ୍ତା ହେଲେ ମଧ୍ୟ ଏ ଦିଗରେ ଅଗ୍ରଗତି ଆଶାନୁରୂପ ହୋଇପାରିନାହିଁ ବୋଲି କହିବାକୁ ପଡ଼ିବ। ୧୯୮୮ ମସିହାରେ ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ହୋଇଥିବା ଓଡ଼ିଶା ପବ୍ଲିକ ଲାଇବ୍ରେରୀ ଆକ୍ଟ-୨୦୦୧ ଦୀର୍ଘ ୧୪ ବର୍ଷ ପରେ ୨୦୦୨ ମସିହାରେ ଗୃହୀତ ହୋଇଥିଲା ଓ ୨୦୧୬ ମସିହାରେ ଏହାର ନିୟମାବଳୀକୁ ଅନୁମୋଦନ ମିଳିଲା। ସୂଚନା ଥାଉକି ଯେ, ୧୯୭୨ ମସିହାରେ ଲାଇବ୍ରେରୀ ବିଲ୍(ପାଠାଗାର ବିଧେୟକ) ପ୍ରଥମ ଥର ପାଇଁ ବିଧାନସଭାରେ ଉପସ୍ଥାପିତ ହୋଇଥିଲା, ଯାହାକି ଚଳିତ ବର୍ଷ ୫୦ବର୍ଷ ପୂରଣ ହେବାକୁ ଯାଉଛି।



ପବ୍ଲିକ ଲାଇବ୍ରେରୀ ଆକ୍ଟର ଲକ୍ଷ୍ୟ ଅନୁଯାୟୀ ରାଜ୍ୟରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳମାନଙ୍କରେ ସରକାର ସମସ୍ତଙ୍କୁ ସାର୍ବଜନୀନ ପାଠାଗାର ସୁବିଧା ଦେବା ଉଚିତ। ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ଅନେକ ସହରରେ ବିଗତ କିଛିବର୍ଷ ହେଲା ଦେୟଯୁକ୍ତ ବେସରକାରୀ ପାଠାଗାରମାନ ଖୋଲି ଆସୁଛି, ଯେଉଁଠାରେ କି ପାଠକ ପିଛା ମାସିକ ୧ହଜାର ଟଙ୍କାରୁ ଆରମ୍ଭ କରି ୩ହଜାର ଟଙ୍କା ପର୍ଯ୍ୟନ୍ତ ଦେୟ ଦେଇ ଯୁବ ଓ ଛାତ୍ରଛାତ୍ରୀମାନେ ପାଠାଗାର ବ୍ୟବହାର କରୁଛନ୍ତି କିନ୍ତୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ପିଲାମାନେ ପାଠାଗାରର ସୁବିଧା ପାଇ ପାରୁନାହାନ୍ତି। ସେହିପରି ଅନେକ ପାଠାଗାରର ସଦସ୍ୟ ସଂଖ୍ୟା ସୀମିତ ହୋଇଥିବାରୁ ଇଚ୍ଛୁକ ଛାତ୍ରଛାତ୍ରୀ, ଯୁବବର୍ଗ ଓ ପାଠକସମାଜ ପାଠାଗାର ଉପଯୋଗ କରିବାର ସୁବିଧାରୁ ବଞ୍ଚିତ ହୋଇ ନିରାଶ ହେଉଛନ୍ତି। ଲାଇବ୍ରେରୀ ଆକ୍ଟ ଅନୁଯାୟୀ ସହରର ବିଭିନ୍ନ ସ୍ଥାନରେ ସିଟି ଲାଇବ୍ରେରୀ ମାନ ପ୍ରତିଷ୍ଠା କରାଗଲେ ଆଗାମୀ ଯୁବପିଢ଼ି ଏହି ଅସୁବିଧାର ସମ୍ମୁଖୀନ ହୁଅନ୍ତେ ନାହିଁ।

୨୦୧୮ ମସିହାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଏବଂ ପାନୀୟଜଳ ବିଭାଗ ଅଧୀନରେ ପଞ୍ଚାୟତ ଲାଇବ୍ରେରୀ ଏବଂ ଇନଫୋଟେଣ୍ଟମେଣ୍ଟ ସେଣ୍ଟର (ପଞ୍ଚାୟତ ପାଠାଗାର ଏବଂ ଚିତ୍ତବିନୋଦନ କେନ୍ଦ୍ର)ର ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହା ତ୍ୱରାନ୍ୱିତ ହେବା ଆବଶ୍ୟକ। ଏହି ପଞ୍ଚାୟତ ଲାଇବ୍ରେରୀର ନିୟମାବଳୀରେ ପାଠାଗାରର ଭିତ୍ତିଭୂମି, ଦୈନନ୍ଦିନ କାର୍ଯ୍ୟକ୍ରମ ଓ ପାଠାଗାରର ପରିଚାଳନା ବିଷୟରେ ଉଲ୍ଲେଖ କରାଯାଇଛି, କିନ୍ତୁ ପରିତାପର ବିଷୟ ଯେ ଏହି ପାଠାଗାରାଗୁଡ଼ିକର ପରିଚାଳନା ପାଇଁ ଆବଶ୍ୟକ ବୃତ୍ତିଗତ (ପ୍ରଫେସନାଲ) ଲାଇବ୍ରେରିଆନ(ଗ୍ରନ୍ଥାଗାରିକ)ମାନଙ୍କରର ଅଭାବ ପରିଲକ୍ଷିତ ହେଉଛି। ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ୬୭୯୯ ଗ୍ରାମ ପଞ୍ଚାୟତସ୍ତରର ପାଠାଗାରମାନଙ୍କରେ ଜଣେ ଲେଖାଏଁ ପେସାଦାର ଗ୍ରନ୍ଥାଗାରିକ ନିଯୁକ୍ତି ପାଇଁ କୌଣସି ବ୍ୟବସ୍ଥା କରାଗଲେ ପାଠାଗାରଗୁଡ଼ିକ ପାଠକମାନଙ୍କ ପାଇଁ ଉପଯୁକ୍ତ ସମୟରେ ଉପଯୁକ୍ତ ସୂଚନା ଦେଇପାରିବ ଏବଂ ପାଠାଗାର ପ୍ରତି ପାଠକଙ୍କ ଆଗ୍ରହ ବଢ଼ିବ। ଏହାଦ୍ୱାରା ମଧ୍ୟ ପାଠାଗାର ଏବଂ ସୂଚନା ବିଜ୍ଞାନ ବିଷୟରେ ପାଠ ପଢ଼ୁଥିବା ଏବଂ ପଢ଼ିସାରି ବେକାର ହୋଇ ବସିଥିବା ଓଡ଼ିଶାର ହଜାର ହଜାର ଛାତ୍ରଛାତ୍ରୀ ନିଯୁକ୍ତିର ସୁବିଧା ପାଇପାରିବେ।

୨୦୧୫ରୁ ରାଜ୍ୟର ୩୧୪ଟି ବ୍ଲକରେ ଆରମ୍ଭ ହୋଇଥିବା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକସ୍ତରୀୟ ପାଠାଗାରର ବିକାଶ କରାଯାଇପାରିନାହିଁ। ସିବିଏସ୍‌ସିର ନିୟମାବଳୀ ଅନୁଯାୟୀ ସିବିଏସସି ସହ ସମ୍ପୃକ୍ତ ପ୍ରତ୍ୟକ ବିଦ୍ୟାଳୟରେ ପାଠାଗାର ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ରହିବା ଆବଶ୍ୟକ। ପ୍ରତିବର୍ଷ ଏହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ହୋଇଆସୁଥିବା ବେଳେ ଗ୍ରନ୍ଥାଗାରିକ ନିଯୁକ୍ତି ପାଇଁ ତତ୍ପରତା ପ୍ରକାଶ ପାଇନ ଥିବା ଜଣାଯାଏ। ନିକଟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଏକ ବିଜ୍ଞପ୍ତିରେ ମୋଟ ୧୭୪୯ ଶିକ୍ଷକ ଏବଂ ଅଣଶିକ୍ଷକ ପଦ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ସେଥିରେ ମାତ୍ର ଗୋଟିଏ ଗ୍ରନ୍ଥାଗାରିକ ପଦ ପାଇଁ ବ୍ୟବସ୍ଥା ଥିଲା।

ଅଧିକ ବିଳମ୍ବ ହେବା ପୂର୍ବରୁ ଆମର ଆଗାମୀ ପିଢ଼ିର ଛାତ୍ରଛାତ୍ରୀ ଏବଂ ଯୁବ ସମାଜର ସାମଗ୍ରିକ କଲ୍ୟାଣ ପାଇଁ ଏକ ପାଠାଗାର ଆନ୍ଦୋଳନ ଆରମ୍ଭ ହେବା ଉଚିତ। ଏହି ପରିପ୍ରେକ୍ଷୀରେ ସ୍କୁଲ ଯାଉଥିବା ପ୍ରତ୍ୟେକ ପିଲାର ଅଭିଭାବକମାନଙ୍କୁ ଅନୁରୋଧ ଥରଟିଏ ଚିନ୍ତା କରନ୍ତୁ ସେମାନଙ୍କ ପିଲାମାନେ ପଢ଼ୁଥିବା ବିଦ୍ୟାଳୟମାନଙ୍କରେ ଭଲ ପାଠାଗାରଟିଏ ହେଲେ ଶିକ୍ଷାର ଗୁଣବତ୍ତା କେତେ ଉନ୍ନତ ହେବ। ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଅନୁରୋଧ ସେମାନେ ନିଜ ବିଦ୍ୟାଳୟମାନଙ୍କରେ ଏକ ପାଠାଗାର ସ୍ଥାପନ କରିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ପ୍ରସ୍ତାବ ରଖନ୍ତୁ। ଏହାସହିତ ଲାଇବ୍ରେରୀଗୁଡ଼ିକର ସୁଚାରୁରୂପେ ପରିଚାଳନା ପାଇଁ ଜଣେ ଲେଖାଏଁ ପେସାଦାର ଗ୍ରନ୍ଥାଗାରିକ ନିଯୁକ୍ତି ପାଇଁ ଦାବି କରନ୍ତୁ।

ଏକ ଉତ୍ତମ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଏକ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ପାଠାଗାରର ଭୂମିକା ଅତୁଳନୀୟ। ପାଠାଗାରର ସୁବିଧା ସୁଯୋଗ ପାଇବା ଜନସାଧାରଣଙ୍କ ଅଧିକାର। ଏକ ଉନ୍ନତ ମାନର ପାଠାଗାର ସ୍ଥାପନ କରିବା ଏକ ଜନକଲ୍ୟାଣ ରାଷ୍ଟ୍ରର କର୍ତ୍ତବ୍ୟ ଏବଂ ଦାୟିତ୍ୱ।

ଆସନ୍ତୁ ସଭିଏଁ ମିଶି ପାଠାଗାର ଆନ୍ଦୋଳନରେ ନିଜକୁ ସାମିଲ କରିବା ସହିତ ସମସ୍ତେ ସ୍ୱର ଉତ୍ତୋଳନ କରିବା ଏବଂ କହିବା 'ମୋ ପାଠାଗାର, ମୋ ଅଧିକାର' ଏବଂ ପାଠକମାନଙ୍କ ପାଇଁ 'ଦେୟଯୁକ୍ତ ନୁହେଁ, ଦେୟମୁକ୍ତ ପାଠାଗାର ଦରକାର।'